## ସଂକ୍ଷେପରେ

### ଗଜପତିରୁ ୭ ପଜିଟିଭ ଚିହ୍ନଟ

**ପାରଳାଖେମୁଣ୍ଡି,୫।୧୦(ସ୍ୱ.ପ୍ର.):** ଗଜପତି ଜିଲାରୁ ସୋମବାର ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୪୭ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୨, ମୋହନା ବ୍ଲକରୁ ୨, ଗୁମ୍ମାରୁ ୨ ଏବଂ ନୂଆଗଡରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି।

### ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ୍

**ପାଟପୁର,୫।୧୦:** ଗଞ୍ଜାମ-ଗଜପତି ସୀମାନ୍ତ ଅଞ୍ଚଳରେ ଦୁର୍ଘଟଣା କମିବାର ନା ନେଉନି। ପାଟପୁର ଥାନା ତପ୍ତପାଣି ଘାଟିରେ ରବିବାର ରାତି ୧୦ଟାରେ ପୁଣି ଏକ ଟ୍ରକର ବ୍ରେକ୍ ଫେଲ୍ ହେବାରୁ ଓଲଟି ପଡ଼ିଛି। ଟ୍ରକ (ନଂ -ଓଡି୦୨ଏଏଫ୭୫୦୬)ଟି ରାୟଗଡ଼ାରୁ କଟକ ଅଭିମୁଖେ ପେପର ନେଇ ଯାଉଥିବା ସମୟରେ ପାଲୁଖୋଲା ନିକଟ ଘାଟିରେ ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଖବରପାଇ ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

### ମହାରଥୀଙ୍କ ବିୟୋଗରେ ବିଜେଡିର ଶୋକ

**ଗଞ୍ଜାମ,୫।୧୦(ଡି.ଏନ.ଏ.):** ବିଜେଡି ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଗତ ଶନିବାର ବିଳମ୍ବିତ ରାତିରେ ବିୟୋଗ ଘଟିଛି। ଏହି ଅବସରରେ ଗଞ୍ଜାମ ଏନ୍ଏସି ନଗର ବିଜେଡି ପକ୍ଷରୁ ସୋମବାର ନଗର ସଭାପତି ଆର୍.ରାଜୁ ରେଡ୍ଡୀ, ପୂର୍ବତନ ଏମ୍ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଯୁବନେତା ରାକେଶ ରଞ୍ଜନ ଦାସ(ସିଲୁ), ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ଜିତୁ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଫାଣ୍ଡି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଚିକିଟି,୫।୧୦(ଡି.ଏନ.ଏ.):** କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡିରେ ବିନିତ କୁମାର ଶତପଥୀ ନୂତନ ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶତପଥୀ କେ.ନୂଆଗାଁ ଥାନାରେ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ପରେ ୨୦୧୭ରୁ ୨୦୨୦ ଯାଏ ବ୍ରହ୍ମପୁରସ୍ଥିତ ସଦର ଥାନାରେ କାର୍ଯ୍ୟ କରୁଥିଲେ। ନୂଆ ଦାୟିତ୍ୱ ଗ୍ରହଣ ପରେ ଜନସାଧାରଣଙ୍କ ସହଯୋଗରେ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପକୁ ଦମନ କରିବେ ବୋଲି ଶତପଥୀ କହିଛନ୍ତି।

### ଦୁର୍ଘଟଣାରେ ୨ ଗୁରୁତର

**କାଶୀନଗର,୫।୧୦(ଡି.ଏନ୍.ଏ.):** ପାରଳାଖେମୁଣ୍ଡି-ଗୁଣୁପୁର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ରାଜପୁର ଗ୍ରାମ ନିକଟରେ ଏକ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଲଡା ଗ୍ରାମର ସୋମେଶ୍ୱର ରାଓ (୪୫) ଓ ସୁରେନ୍ଦ୍ର ଦୋରା (୫୦)। ସୋମେଶ୍ୱର ଓ ସୁରେନ୍ଦ୍ର ଏକ ବାଇକରେ ପାରଳାଖେମୁଣ୍ଡିରୁ ଘରକୁ ଫେରୁଥିବାବେଳେ ରାଜପୁର ନିକଟରେ ରାସ୍ତା ଉପରେ ଥିବା ଚିପ୍ସ ଗଦାରେ ବାଇକ୍ ଚଢିଯିବାରୁ ଦୁର୍ଘଟଣା ଘଟିଥିଲା।

# ଆମରଣ ଅନଶନରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ଛତ୍ରପୁର,୫।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ସହରରେ ଥିବା ଦିବ୍ୟାଙ୍ଗ ମାନସିକ ଅନଗ୍ରସରମାନଙ୍କ ପାଇଁଉର୍ଦ୍ଦିଷ୍ଟ ସମର୍ଥ ଆବାସିକ ସ୍କୁଲ ଉଚ୍ଛେଦ କରିବାକୁ ଜିଲାପାଳ ନୋଟିସ୍ ଦେଇଛନ୍ତି।

### ଆବାସିକ ସ୍କୁଲ ଉଚ୍ଛେଦକୁ ବିରୋଧ




ଅନଶନରେ ସାମିଲ ହୋଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସ୍କୁଲ ଉଚ୍ଛେଦ ନିର୍ଦ୍ଦେଶକୁ ବିରୋଧ କରି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଆମରଣ ଅନଶନରେ ଦିବ୍ୟାଙ୍ଗମାନେ ସାମିଲ ହୋଇଛନ୍ତି। ଅନଶନରେ ବସିଥିବା ୨ ଷ୍ଟାଫ୍ ଅପରାହ୍ନରେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଗଞ୍ଜାମ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ୧୯୮୬ ମସିହାରୁ ଜିଲାର ବହୁ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷା ଓ ଥଇଥାନ କରିଆସୁଥିଲା। ପରେ ୨୦୦୦ ମସିହାରେ ତତ୍କାଳୀନ ଜିଲାପାଳ ଓ ଏସପିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ କୋଠାରେ ସମର୍ଥ ନାମକ ଏକ ଆବାସିକ ସ୍କୁଲ ଚାଲିଛି। ଏହାକୁ ସରକାରୀ ଅନୁଦାନ ମଧ୍ୟ ମିଳୁଛି। ଏଠାରେ ୧୧୪ ମାନସିକ ଅଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ପିଲାମାନେ ରହି ପାଠ ପଢୁଛନ୍ତି। ତେବେ ଉକ୍ତ କୋଠା ବିପଦସଙ୍କୁଳ ଥିବା ଦର୍ଶାଇ ଏହାକୁ ଉଚ୍ଛେଦ କରିବାକୁ ଜିଲାପାଳ ନୋଟିସ ପଠାଇଥିଲେ। ପରେ ସମର୍ଥ ଅନୁଷ୍ଠାନ ପିଟିଶନ ଦାଖଲ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ସ୍କୁଲର ପିଲାମାନଙ୍କ ଆବାସିକ ସ୍କୁଲକୁ ଅନ୍ୟ କୋଠାରେ ଥଇଥାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ୧୫ ଦିନ ହେଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍କୁଲକୁ ବିଦ୍ୟୁତ ଓ ପାଣି ସଂଯୋଗ କାଟି ଦିଆଯାଇଛି। ୩ ଦିନ ମଧ୍ୟରେ ସ୍କୁଲ ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ଏହାକୁ ସଂଘ ତୀବ୍ର ବିରୋଧ କରିଛି। ବର୍ତ୍ତମାନ ସୁଦ୍ଧା ଅନ୍ୟତ୍ର ଥଇଥାନ ପାଇଁ ପ୍ରଶାସନ କୋଠା ଚିହ୍ନଟ କରିନି। ସରକାରୀ କୋଠାକୁ ବେସରକାରୀ ସ୍କୁଲ ପାଇଁ ଦିଆଯାଇପାରୁଥିବା ବେଳେ ଏକ ସରକାରୀ ଅନୁଦାନ ପ୍ରାପ୍ତ ଭିନ୍ନକ୍ଷମ ଅନୁଷ୍ଠାନକୁ ଅଣଦେଖା କରିବା କେତେଦୂର ଠିକ୍ ବୋଲି ସଂଘ ସମ୍ପାଦକ କେ. ଆନନ୍ଦ ରାଓ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ୨୦ ବର୍ଷର କୋଠାଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଅନୁଷ୍ଠାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ପ୍ରକାଶ ଯେ, ଉକ୍ତ ସ୍ଥାନରେ ପାର୍କ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ଜଣାପଡିଛି।

# ବୁଗୁଡ଼ା ବନାଞ୍ଚଳ ଛାଡୁନାହାନ୍ତି ହାତୀପଲ

**ବୁଗୁଡ଼ା,୫।୧୦(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କିରିଆମ୍ବା ସଂରକ୍ଷିତ ଜଙ୍ଗଲରୁ ହାତୀପଲ ଛାଡ଼ି ଯାଉନଥିବା ଦେଖିବାକୁ ମିଳୁଛି। ଜଙ୍ଗଲରେ ଥିବା ସବୁଜ ବନାନୀ ଏବଂ ଜଳାଶୟ ସେମାନଙ୍କୁ ବିଶେଷ ଆକୃଷ୍ଟ କରୁଥିବାରୁ ହାତୀପଲ ଏଠାରୁ ଛାଡ଼ି ଯାଉନାହାନ୍ତି। ପ୍ରାୟ ମାସେ ତଳେ ଏହି ବନାଞ୍ଚଳକୁ ଖୋର୍ଦ୍ଧା ଓ ନୟାଗଡ଼ ଡିଭିଜନରୁ ୨୦ଟି ହାତୀ ଆସିଥିଲେ ମଧ୍ୟ ପରେ ସେମାନେ ଚାଲି ଯାଇଥିଲେ। ଗତ ଶୁକ୍ରବାର ପୁଣି ୧୧ ଟିକିଆ ହାତୀପଲ ଖୋର୍ଦ୍ଧା ଜଙ୍ଗଲରୁ ଆସି କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ଥିଲେ। ତେବେ ସେମାନେ ଶନିବାର ଖୋର୍ଦ୍ଧା ଜଙ୍ଗଲ ଆଡ଼େ ଚାଲିଯାଇଥିଲେ। କିନ୍ତୁ ପୁଣି ରବିବାର ରାତିରେ ସେହି ୧୧ ଟିକିଆ ହାତୀପଲ କିରିଆମ୍ବାର ବିସ୍ତୀର୍ଣ୍ଣ ଜଙ୍ଗଲରେ ଦେଖିବାକୁ ମିଳିଛି। ଏହି ହାତୀ ପଲରେ ୨ଟି ଦନ୍ତା, ୩ଟି ଛୁଆ ଏବଂ ୬ଟି ମାଈ ହାତୀ ଦେଖିବାକୁ ମିଳିଛି। ଘଞ୍ଚ ଜଙ୍ଗଲରେ ଚଳପ୍ରଚଳ କରିବା ଏବଂ ଜଙ୍ଗଲରେ ଖାଦ୍ୟ ଓ ପାନୀୟ ସୁଯୋଗ ଥିବା ଯୋଗୁ ହାତୀ ଭଳି ବନ୍ୟଜନ୍ତୁ ଜଙ୍ଗଲର ରହୁଥିବା କହିଛନ୍ତି ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା। ତେବେ ହାତୀ ଉପଦ୍ରବ ଦେଖାଦେଲେ ଗ୍ରାମବାସୀଙ୍କ ସହଯୋଗରେ ଲୋକଙ୍କୁ ସୁରକ୍ଷା ସହ ଫସଲ ସୁରକ୍ଷା ଦିଗରେ ବିଭାଗ କର୍ମଚାରୀମାନେ ରାତି ସାରା ପାଟ୍ରୋଲିଂ କରିବାକୁ ବାଧ ହୁଅନ୍ତି ବୋଲି ସେ କୁହନ୍ତି।

# କୋଭିଡ୍ ନିୟମ ଉଲ୍ଲଂଘନ, ୯ ଦୋକାନ ସିଲ୍




ବସଷ୍ଟାଣ୍ଡରେ ଥିବା ଟି.ଭି ଦୋକାନକୁ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ସିଲ୍ କରାଯାଉଛି।

**ଦିଗପହଣ୍ଡି,୫।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ କଟକଣାକୁ ବ୍ୟବସାୟୀମାନେ ବେଖାତିର କରୁଥିବା ଅଭିଯୋଗକୁ ଭିତ୍ତିକରି ସୋମବାର ଅତିରିକ୍ତ ଜିଲାପାଳ ଡ.ଶ୍ୱେତ କୁମାର ଦାସ, ସହକାରୀ ଜିଲାପାଳ କେ. ମାଲେଶ୍ୱର ପାତ୍ର ଦିଗପହଣ୍ଡିରେ ପହଞ୍ଚି ଧରପଗ କରିଥିଲେ। କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ୯ ଦୋକାନୁ ପ୍ରଶାସନିକ ଅଧିକାରୀମାନେ ସିଲ୍ କରିଥିଲେ। ଏଥିସହ ପ୍ରଶାସନ ପକ୍ଷରୁ ରାସ୍ତାରେ

### ବିନା ମାସ୍କଧାରୀଙ୍କଠାରୁ ଜରିମାନା ଆଦାୟ

ଯା ଆସ କରୁଥିବା ବହୁ ବାଇକ୍ ଗୁଡ଼ିକୁ ଅଟକାଇ ୨୩୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଦିଗପହଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସମେତ ତହସିଲ ଏନ୍ଫୋର୍ସମେଣ୍ଟ ସ୍କ୍ୱାର୍ଡର ସଦସ୍ୟ ଫକୀର ମୋହନ ରାଉତ, ଭଗବାନ ପାତ୍ର, ଶ୍ରୀକାନ୍ତ ଦୋରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଦୋକାନୀଙ୍କଠାରୁ ଜରିମାନା ଆଦାୟକୁ ବିରୋଧ

**ବ୍ରହ୍ମପୁର ଅଫିସ,୫।୧୦**

### ବିଏମ୍ସି କମିଶନରଙ୍କୁ ଜିଲା ଭାଜପାର ଦାବିପତ୍ର

ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି) ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଦୋକାନୀଙ୍କଠାରୁ ଜରିମାନା ଆଦାୟକୁ ଗଞ୍ଜାମ ଜିଲା ଭାଜପା ତୀବ୍ର ବିରୋଧ କରିଛି। ବିଏମ୍ସି ପକ୍ଷରୁ ଆଦାୟ କରାଯାଉଥିବା ଜରିମାନା ଉପରେ ରୋକ ଲଗାଯିବାକୁ ଭାଜପା ଦାବି କରିଛି। ଏନେଇ ସୋମବାର ଭାଜପା ବିଏମ୍ସି କମିଶନରଙ୍କ ଉଦ୍ଦେଶ୍ୟରେ ଡେପୁଟି କମିଶନର ଆଶୁତୋଷ ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛି। କୋଭିଡ୍ ଯୋଗୁ ବର୍ତ୍ତମାନ ଜନସାଧାରଣ ନିଜର ଜୀବନ ଜୀବିକାକୁ ନେଇ ସଂଘର୍ଷ କରୁଛନ୍ତି। ଦୀର୍ଘ ୬ ମାସର ତାଲାବନ୍ଦ ପରେ ଗତ ମାସରୁ ଲୋକଙ୍କ ଜୀବନ ଜୀବିକା ସ୍ୱାଭାବିକ ହୋଇଥିବା ବେଳେ ବିଏମ୍ସି ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଂଘନ ନାମରେ ଜରିମାନା ଆଦାୟ ଦୋକାନୀ ତଥା ବ୍ୟବସାୟୀଙ୍କ ପାଇଁ



ବିଏମ୍ସି କାର୍ଯ୍ୟାଳୟରେ ଭାଜପା କାର୍ଯ୍ୟକର୍ତ୍ତା ଦାବିପତ୍ର ଦେଉଛନ୍ତି।

ସମସ୍ୟା ସୃଷ୍ଟି କରୁଥିବା ଭାଜପା କହିଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ସର୍ବନିମ୍ନ ୧୦୦ ଟଙ୍କା ଜରିମାନା ଆଦାୟ କରିବାକୁ ଭାଜପା ଦାବି କରିଛି। ଦାବିପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଜରିମାନା ଆଦାୟ ସ୍ଥାନରେ ତୀବ୍ର ବିରୋଧ କରିବାକୁ ଭାଜପା ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ ଭାଜପା ଗଞ୍ଜାମ ଜିଲା ସଭାପତି ବିଭୂତି ଜେନା, ପୂର୍ବତନ ଭାଜପା ଜିଲା ସଭାପତି କାହ୍ନୁଚରଣ ପତିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜଙ୍ଗଲରୁ ମହିଳାଙ୍କ କଙ୍କାଳ ଉଦ୍ଧାର

**ଭଞ୍ଜନଗର,୫।୧୦(ଡି.ଏନ୍.ଏ.)**

ଭଞ୍ଜନଗର ପୋଲିସ ରବିବାର କୁଲାଡ କାଶପଲ୍ଲୀ ଜଙ୍ଗଲରୁ ଜଣେ ମହିଳାଙ୍କ କଙ୍କାଳ ଜବତ କରିଛି। ଏହା କୁଲାଡର ଭାଗ୍ୟ ବେହେରା ହୋଇଥିବା ଜଣାପଡିଛି। ଜବତ କଙ୍କାଳକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ଏଫ୍ଏମ୍ସିକୁ ପଠାଇ ଦିଆଯାଇଛି। ଭାଗ୍ୟ କେଉଁଭଳି ମୃତ୍ୟୁବରଣ କଲେ ତାର ପ୍ରକୃତ କାରଣ ଜଣାପଡିନାହିଁ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅଗଷ୍ଟ ୧୭ରେ ଭାଗ୍ୟ ଜଙ୍ଗଲକୁ ପତ୍ର ଆଣିବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ କୌଣସି ପତ୍ତା ନପାଇବାରୁ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ଏକ ନିଖୋଜ ମାମଲା (ନଂ.୩୬।୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। କୁଲାଡର କେତେଜଣ ଲୋକ ସୋମବାର ଜଙ୍ଗଲକୁ ଯାଇଥିବାବେଳେ କଙ୍କାଳ ପଡିଥିବା ଦେଖିଥିଲେ। ଏହାପରେ ଭାଗ୍ୟଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଦେଖିବା ପରେ ତାହା ଭାଗ୍ୟଙ୍କ ଶବ ବୋଲି ଚିହ୍ନଟ କରିଥିଲେ। ଏହାପରେ ପୋଲିସ ସୁଚନା ପାଇ ଘଟଣାସ୍ଥଳରେ ପହଚିଂ ତଦନ୍ତ କରିଥିଲା।

# ଶିକ୍ଷକ ସଂଘ ପକ୍ଷରୁ ବିଶ୍ୱ ଗୁରୁଦିବସ

**ଦାରିଙ୍ଗବାଡ଼ି,୫।୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ଠାରେ ଥିବା ରାପଡ଼ାବାଡ଼ି ନୋଡାଲ ୟୁପି ସ୍କୁଲରେ ସୋମବାର ବିଶ୍ୱ ଗୁରୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ସଂଘ ସଭାପତି ଯାମିନିକାନ୍ତ ପତ୍ରାଙ୍କ ଅଧକ୍ଷତା ଓ ସମ୍ପାଦକ ବିଦେଶୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଆର୍ସିସି ତଥା ଏବିଇଓ ସୁବାସିନୀ ଦିଗାଳ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଏବଂ ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବ୍ଲକରେ କାର୍ଯ୍ୟରତ ୯ଜଣ ଶିକ୍ଷୟିତ୍ରୀଶିକ୍ଷକ ପଦୋନ୍ନତି ପାଇ ବିଭିନ୍ନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ହରିହର ନାୟକ, ରାଧା ସାହୁ, କୁମୁଦ ଚନ୍ଦ୍ର ବିଷୋୟୀ, ଏବିଇଓ ବିନାୟକ ମହାପାତ୍ର ପ୍ରମୁଖଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପୂଜା ପାଇଁ ନିର୍ଦ୍ଦେଶନାମା ଜାରି କଲେ ଜିଲାପାଳ

**ଛତ୍ରପୁର,୫।୧୦(ଡି.ଏନ୍.ଏ.)**

### ଦର୍ଶନ କରିପାରିବେନି ଜନସାଧାରଣ

ଗଞ୍ଜାମ ଜିଲାରେ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଏବଂ ଅନ୍ୟାନ୍ୟ ପୂଜାରେ କେତେକ ନିୟମକୁ କଡାକଡି ଭାବେ ପାଳନ କରିବାକୁ ଜିଲାପାଳ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମଣ୍ଡପରେ ଦୁର୍ଗାପୂଜା ପାଳନ କରିବା ସକାଶେ ଅନୁଷ୍ଠାନଗୁଡିକ ନିଜ ଅଞ୍ଚଳର ଉପଜିଲାପାଳ ତଥା ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟଙ୍କଠାରୁ ଅନୁମତି ଆଣିବେ। ମୂର୍ତ୍ତିଗୁଡିକ ୪ ଫୁଟ ମଧ୍ୟରେ ହେବ। ପୂଜାମଣ୍ଡପ, ପେଣ୍ଡାଲଗୁଡିକ ଚାରିପଟୁ ଆବଦ୍ଧ କରିବାକୁ ହେବ। ଜନସାଧାରଣ ଯେଭଳି ଦର୍ଶନ କରିପାରିବେନି। ଡାକବାଜି ଯନ୍ତ୍ର ବ୍ୟବହାର ହେବ ନାହିଁ। ପୁରୋହିତ ବା ପୂଜାରୀ କର୍ମକର୍ତ୍ତା ଓ ଆୟୋଜକଙ୍କୁ ମିଶାଇ ସମୁଦାୟ ୭ ଜଣ ପୂଜା ମଣ୍ଡପ ନିକଟରେ ରହିପାରିବେ। ପୂଜା ମଣ୍ଡପ ନିକଟରେ କୋଭିଡ ନିୟମକୁ କଡାକଡି ପାଳନ କରିବାକୁ ହେବ। ଭାରତ ସରକାର/ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ନିୟମ ପ୍ରକାରେ ସମସ୍ତଙ୍କ ଦ୍ୱାରା ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର, ବ୍ୟକ୍ତିଗତ ସଫାସୁତୁରା, ସାନିଟାଇଜେଶନ କରିବା ଜରୁରୀ। ସଂପୃକ୍ତ ସଙ୍ଗଠନ କିମ୍ବା ସଂପୃକ୍ତି ଥିବା ବ୍ୟକ୍ତି ସ୍ଥାନୀୟ ପ୍ରଶାସନ ଦ୍ୱାରା ପୂଜା ନିମନ୍ତେ ଜାରି କରାଯାଇଥିବା ନିୟମଗୁଡିକୁ ଅନୁପାଳନ କରିବା ଆବଶ୍ୟକ। ଭସାଣିରେ କୌଣସି ଶୋଭାଯାତ୍ରା ହେବନାହିଁ। ସ୍ଥାନୀୟ ପ୍ରଶାସନ ଦ୍ୱାରା କରାଯାଇଥିବା କୃତ୍ରିମ ପୋଖରୀରେ ମୂର୍ତ୍ତି ବିସର୍ଜନ କରିପାରିବେ। କୌଣସି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ହେବ ନାହିଁ। ପୋଲିସ ସହାୟତାରେ ଉପଜିଲାପାଳ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ଅନୁଷ୍ଠାନଗୁଡିକ ନିୟମ ପାଳନ କରୁଛନ୍ତି କି ନାହିଁ ନଜର ରଖିବା ସକାଶେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ଅନୁଷ୍ଠାନ ନିୟମ ବିରୁଦ୍ଧାଚରଣ କଲେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିୟମ -୨୦୦୫ର ସେକ୍ସନ-୫୧ ଠାରୁ ୬୧ ପ୍ରକାରେ (ମହାମାରୀ ୧୮୯୭) ଏବଂ ୧୮୮ ଆଇପିସି ଧାରା ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାସ୍କ ବାଣ୍ଟି ସଚେତନ କଲେ ବିଧାୟକ

**ବ୍ରହ୍ମପୁର ଅଫିସ,୫।୧୦**

ବ୍ରହ୍ମପୁର ନଗର ବିଜେଡି ପକ୍ଷରୁ କୋଭିଡ୍ ଜନ ସଚେତନତା ଅଭିଯାନ ପଦଯାତ୍ରା ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି) ଅନ୍ତର୍ଗତ ୧୩ ଓ ୧୫ ନଂ ୱାର୍ଡରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରା ପ୍ରଥମେ ଉତ୍କଳ ସିନେମା ହଲ୍ଠାରୁ ବାହାରି ମେଦ୍ରି ସାହି, ନୃସିଂହ ମନ୍ଦିର ସାହି, ରଙ୍ଗୁନି ବନ୍ଧ ସାହି, ଜମାଦେଇ ପେଣ୍ଠ ଦେଇ ବଡ଼ ଠାକୁରାଣୀ ମନ୍ଦିର ଅଞ୍ଚଳ ପରିକ୍ରମା କରିଥିଲା। ପଦଯାତ୍ରା ବେଳେ ଅଞ୍ଚଳବାସୀଙ୍କୁ ବିଧାୟକ କୋଭିଡ୍ ନିୟମ ପାଳନ ସମ୍ପର୍କରେ ସଚେତନ ସହ ମାସ୍କ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ସଞ୍ଜିତ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ବିଜୟ ଚନ୍ଦ୍ର ସାମଲ, ସୁଶାନ୍ତ କୁମାର ନାୟକ, ଅଜିତ ପଣ୍ଡା, ସରିତା ପଣ୍ଡା,ଟି. ଗୋପି, ମୁକୁନ୍ଦ ଗୌଡ଼, ପ୍ରଦୀପ ବେହେରା ଓ ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆର୍.ଉଦୟଗିରି ବ୍ଲକ୍କୁ ସବ୍ଡିଭିଜନ ମାନ୍ୟତା ଦାବି

**ଆର.ଉଦୟଗିରି,୫।୧୦(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ୍କୁ ସବ୍ଡିଭିଜନ ମାନ୍ୟତା ଦାବି ନେଇ ସୋମବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଓ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପୁଜାରୀଙ୍କ ନେତୃତ୍ୱରେ ପଞ୍ଚାୟତରୁ ଏକ ବିରାଟ ରାଲିରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚି ସାଧାରଣ ସଭା କରିବା ସହ ତହସିଲଦାରଙ୍କ ଅନୁପସ୍ଥିତିରେ ତହସିଲ ଅଫିସର ସିନିୟର କ୍ଲର୍କ ଦେବେନ୍ଦ୍ର ବେଣିଆ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଆର.ଉଦୟଗିରି, ନୂଆଗଡ଼ ଅଞ୍ଚଳର ଶତାଧିକ ଲୋକେ ସାମିଲ ଥିଲେ। ଏକ



ମଞ୍ଚ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

ମାସ ମଧ୍ୟରେ ଆର.ଉଦୟଗିରି ବ୍ଲକ୍କୁ ସବ୍ଡିଭିଜନ୍ ମାନ୍ୟତା ନ ଦିଆଗଲେ ନୂଆଗଡ଼, ଆର୍.ଉଦୟଗିରି, ରାଇଗଡ଼ ବ୍ଲକର ସମସ୍ତ ଜନସାଧାରଣ ଏକତ୍ର ହୋଇ ଆନ୍ଦୋଳନ କରିବେ ବୋଲି ପୂଜାରୀ ଚେତାବନୀ ଦେଇଛନ୍ତି।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ଭାଜପାର ବିକ୍ଷୋଭ

**ପାରଳାଖେମୁଣ୍ଡି, ୫।୧୦ (ସ୍ୱ.ପ୍ର.)**

ଗଜପତି ଜିଲା ଭାଜପା ପକ୍ଷରୁ ସୋମବାର ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଏବଂ ଜିଲାରେ ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଦାୟିତ୍ୱରେ ଥିବା ସଂଗ୍ରାମ ଶେଖର ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା କର୍ମୀ ଓ ନେତା ଜେଲ ଛକଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ।

କରୋନା କଟକଣା ଯୋଗୁ ଗରିବ ଓ ମଧ୍ୟବିତ୍ତ ଭୋକ ଉପାସରେ ରହୁଥିବାବେଳେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ। ତେଣୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଏବଂ ଅଘୋଷିତ ବିଦ୍ୟୁତ୍ କାଟର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା ନୃସିଂହ ଚରଣ ପଟ୍ଟନାୟକ କହିଛନ୍ତି। ଶ୍ୟାମ ପାଣିଗ୍ରାହୀ, ବାରିକ ଜେନା, ଜଗନ୍ନାଥ ମହାପାତ୍ର ପ୍ରମୁଖ ବହୁ ଭାଜପା ନେତା ଓ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।



ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

# ଏମ୍ଜିଏନ୍ଆର୍ଇଜିଏସ୍‌ରେ କାମକରି ପାରିଶ୍ରମିକ ମିଳୁନି

**ଫୁଲବାଣୀ ଅଫିସ, ୫।୧୦**

କରୋନା କଟକଣା ଲକ୍ଡାଉନ ଏବଂ ଶଟ୍ଡାଉନ ଯୋଗୁ ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହେବା ପରେ ସରକାର କୃଷିକ୍ଷେତ୍ର ଏବଂ ଶ୍ରମିକମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍ଜିଏନ୍ଆର୍ଇଜିଏସ୍)ରେ କାମ ଦେବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ବିଭିନ୍ନ ବିଭାଗ ପକ୍ଷରୁ କାମ ଆରମ୍ଭ ହେଲା। ଶ୍ରମିକ ଶ୍ରେଣୀର ଲୋକେ କାମ କଲେ। ହେଲେ ପାରିଶ୍ରମିକ ମିଳିଲା ନାହିଁ। ଏଭଳି ଘଟଣା କନ୍ଧମାଳ ଜିଲା ଚକାପାଦ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ଚକାପାଦ ବ୍ଲକ ବପଲମେଣ୍ଡି(ବି) ପଞ୍ଚାୟତ ବେଡାସୂଗା ଗ୍ରାମରେ ଶ୍ରମିକମାନେ ରାସ୍ତା ଓ ଖାତ କାମ କରିଥିଲେ। କାମ କରିବା ଇତିମଧ୍ୟରେ ୬ ମାସ ବିତି ଯାଇଥିଲେ ହେଁ ପାରିଶ୍ରମିକ ମିଳିନାହିଁ। ବ୍ଲକ କାର୍ଯ୍ୟାୟକୁ ବୁଝିବାକୁ ଗଲେ, କରୋନା ଆଳ ଦେଖାଇ ଟଙ୍କା ନ ଥିବା ସେମାନଙ୍କୁ କୁହାଯାଉଛି। ଟଙ୍କା ନ ପାଇ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ବ୍ଲକରେ ଏପରି ପରିସ୍ଥିତି ଦେଖିବାକୁ ମିଳିଛି। ଜିଲାର ଉଚ୍ଚପଦସ୍ଥ ଅଧିକାରୀ କରୋନା ମୁକାବିଲା ପାଇଁ ବ୍ୟସ୍ତ ରହୁଥିବାରୁ କାର୍ଯ୍ୟର ଉପଯୁକ୍ତ ତଦାରଖ ହୋଇପାରୁନାହିଁ। ଜିଲାପାଳଙ୍କ ପାଖରେ ଆପତ୍ତି ଅଭିଯୋଗ ଶୁଣାଣି ବନ୍ଦ ରହିଛି। ଶ୍ରମିକଙ୍କୁ ତୁରନ୍ତ ସେମାନଙ୍କ ପାରିଶ୍ରମିକ ଯୋଗାଇ ଦେବାକୁ ଜାଗ୍ରତ କନ୍ଧମାଳ ସମ୍ପାଦକ ସତ୍ୟନାରାୟଣ ବେହେରା ଦାବି କରିଛନ୍ତି।



କାମ କରି ପାରିଶ୍ରମିକ ପାଇ ନ ଥିବା ମହିଳା।

